ନୀଳମାଷ୍ଟ୍ରାଣୀ

ଗୋଦାବରୀଶ ମହାପାତ୍ର

ଗାଳ୍ପିକ ପରିଚୟ :

ସତ୍ୟବାଦୀ ଚିନ୍ତା ଚେତନାର ଶେଷ ରଶ୍ମି ଯାହାଙ୍କ ସାହିତ୍ୟରେ ସପ୍ତରଂଗୀ ବର୍ଣ୍ଣାଳୀ ସୃଷ୍ଟି କରିଥିଲା ସେ ହେଉଛନ୍ତି ଗୋଦାରୀଶ ମହାପାତ୍ର। ତାଙ୍କ ସ୍ରଷ୍ଟାମାନସ ଏକ ବିସ୍ମୟ କହିଲେ ଅତ୍ୟୁକ୍ତି ହେବନାହିଁ। ଉନବିଂଶ ଓ ବିଂଶ ଶତାବ୍ଦୀର ସନ୍ଧିକ୍ଷଣରେ ଗୋଦାବରୀଶଙ୍କର ଆବିର୍ଭାବ ହୋଇଥିଲା ବାଣପୁରର କୁମାରଂଗ ଶାସନରେ। ବାଲ୍ୟକାଳରୁ ତାଙ୍କ କବିତ୍ୱର ଉନ୍ମେଷ ଘଟିଥିଲା। ବାଣପୁର ସ୍କୁଲର ଛାତ୍ର ଥିବା ବେଳେ ସେ 'ବାଣପୁର' ନାମକ କବିତା ରଚନା କରି ପୁରସ୍କୃତ ହୋଇଥିଲେ। ପରବର୍ତ୍ତୀ ସମୟରେ ସତ୍ୟବାଦୀ ବନବିଦ୍ୟାଳୟରେ ଶିକ୍ଷା ଗ୍ରହଣ କାଳରେ ସେ ସତ୍ୟବାଦୀ ଶିକ୍ଷକମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ। ବିଶେଷ କରି ଗୋଦାବରୀଶ ମିଶ୍ରଙ୍କର ପ୍ରଭାବ ତାଙ୍କୁ ପ୍ରଭାବିତ କରିଥିଲା। ସାହିତ୍ୟ ପ୍ରତି ଗୋଦାବରୀଶଙ୍କର ଅନୁରାଗ ଯେପରି ନିବିଡ଼ ଥିଲା ଜାତୀୟତା ପାଇଁ ଅନୁରକ୍ତି ସେହିପରି ଗଭୀର ଥିଲା। ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇ ଇଂରେଜ ସରକାରଙ୍କ ଚକ୍ଷୁଶୂଳ ହେବା ସହ କିଛି ଦିନ କାରାଗାର ଭୋଗ କରିଥିଲେ। ଏହିଠାରେ ତାଙ୍କ ଅଧ୍ୟୟନର ଇତି ହେଲା; ମାତ୍ର ତାଙ୍କ ପ୍ରତିଭାର ବିକାଶ ହେଲା। ବିଂଶ ଶତାବ୍ଦୀର ତୃତୀୟ ଦଶକରୁ ଏହି ପ୍ରତିଭାଙ୍କର ବହୁମୁଖୀ ବିକାଶ ସମସ୍ତ ସାମାଜିକ, ଆର୍ଥନୀତକି, ରାଜନୈତିକ ପ୍ରତିକୂଳତା ଭିତରେ ଘଟିବାକୁ ଲାଗିଲା। ସରକାରୀ ବୃତ୍ତିରେ ଯୋଗ ନ ଦେଇ ସ୍ୱାଧୀନ ଭାବରେ ସାହିତ୍ୟ ସୃଷ୍ଟିକୁ ଆପଣେଇ ନେଲେ। ସ୍ୱାଧୀନ ଭାବରେ ଗଳ୍ପ, କବିତା, ଉପନ୍ୟାସ ରଚନା କରି ଇଂରେଜ ସରକାରଙ୍କ ବିରୁଦ୍ଧରେ, ବିଶୃଙ୍ଖଳିତ ସମାଜ ବିରୁଦ୍ଧରେ ବୈପ୍ଳବିକ ଅଗ୍ନିଗର୍ଭ ବାଣୀ ପ୍ରଚାରିତ କଲେ। ସେ ଥିଲେ ଉଗ୍ର ଜାତିୟବାଦୀ। ସେ 'ନିଆଁଖୁଣ୍ଟା' ପତ୍ରିକା ସମ୍ପାଦନ କରି ରାଜନୈତିକ୍-ପ୍ରଶାସନିକ-ସମାଜିକ ସ୍ଖଳନକୁ ବିଦ୍ରୂପ କଲେ। ମୃତ୍ୟୁ ପର୍ଯ୍ୟନ୍ତ ସେ ତାଙ୍କ ଆଦର୍ଶରୁ ବିଚ୍ୟୁତ ହୋଇ ନ ଥିଲେ। ଦୀର୍ଘ ଅର୍ଦ୍ଧଶତାବ୍ଦୀ ବ୍ୟାପୀ ଓଡ଼ିଆ ସାହିତ୍ୟ ଓ ଓଡ଼ିଶାର ସମାଜ ସହିତ ଅନ୍ତରଙ୍ଗତା କାରଣରୁ ବହୁ ବାସ୍ତବତା ତାଙ୍କ ଚିତ୍ତ ଆଲୋଡ଼ନ କରିଥିଲା। ଏହି ଆଲୋଡ଼ନ ବାଙ୍ମୟ ରୂପ ତାଙ୍କ ସାହିତ୍ୟ। ସେ ଏକାଧାରରେ ଥିଲେ କବି, ଗାଳ୍ପିକ, ଔପନ୍ୟାସିକ, ଶିଶୁସାହିତ୍ୟିକ ଓ ସାମ୍ବାଦିକ ଥିଲେ।

ଗୋଦାବରୀଶଙ୍କର ସୃଷ୍ଟି ସଂସ୍ଥାର

ଗଳ୍ପ ସଂକଳନ :

ପଲ୍ଲୀଛାୟା, ଏବେ ମଧ୍ୟ ବଞ୍ଚିଛି, ଗରିବର ଭଗବାନ, ବନ୍ଦୀଯୁବକ, ମାଟିର ମାୟା, କଳାପାଣି ବନ୍ଦୀ, ନୀଳମାଷ୍ଟ୍ରାଣୀ, ଶ୍ରୁତି ସଞ୍ଚୟନ, ମୁଁ ଦିନେ ମନ୍ତ୍ରୀ ଥିଲି, ବାରଟି ଗଳ୍ପ।

ଉପନ୍ୟାସ :

ରକ୍ତପାତ, ବିଦ୍ରୋହ, ରାଜଦ୍ରୋହୀ, ପ୍ରେମପଥେ, ବନ୍ଦୀର ମାୟା ଇତ୍ୟାଦି।

କବିତା ସଂକଳନ :

ବଙ୍କା ଓ ସିଧା – କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କୃତ।

କଣ୍ଟା ଓ ଫୁଲ – ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କୃତ।

ଉଠ କଙ୍କାଳ – ହେ ମୋର କଲମ।

Scanned with CamScanner

ପାହାଚ ତଳେ ଘାସ – ପ୍ରଭାତ କୁସୁମ।

ହାଣ୍ଡିଶାଳର ବିପ୍ଳବ

ଶିଶୁ ସାହିତ୍ୟ :

ମୋ ଖେଳ ସାଥୀ।

'ଟୁଆଁ ଟୁଇଁ' ଶିଶୁ ପତ୍ରିକାର ସମ୍ପାଦନା।

ଗଳ୍ପର କଥାବସ୍ତୁ :

ଏକ ସତ୍ୟ ଘଟଣା ଉପରେ ଆଧାରିତ ଏହି ଗଳ୍ପ ତତ୍କାଳୀନ ସାମାଜିକ ବିଚ୍ୟୁତିକୁ ପ୍ରଦର୍ଶିତ କରିଛି। ତିନୋଟି ଗାଁର ପରିଧି ମଧ୍ୟରେ ଘଟିଥିବା ଘଟଣା ଦଶ ପଚିଶଖଣ୍ଡ ଗାଁର ଆଲୋଚନା ଓ ସମାଲୋଚନାର ମୁଖ୍ୟ ବିଷୟ ହୋଇଛି। ତାହା ନୀଳ ମାଷ୍ଟ୍ରାଣୀର ଦୋଷ। ଯେଉଁ ଦୋଷପାଇଁ ନୀଳ ମାଷ୍ଟ୍ରାଣୀ ଅନୁଶୋଚନା କରି ତିଳ ତିଳ ଦଗ୍ଧ ହୋଇ ଧୋବାଘର ଛୋଟ କୁଡ଼ିଆର ମଇଳା ଲୁଗାଗଦା ଉପରେ ମୁହଁ ପୋତି ଅତୀତକୁ ସ୍ମରଣ କରୁଛି। ଆଖିବୁଜି ଭାବୁଥିଲା ନୀଳ। କେବଳ ତିନିବର୍ଷର ସ୍ୱପ୍ନ ଓ ସ୍ୱପ୍ନ ଭଙ୍ଗର ଦୁଃଖକୁ ନୁହେଁ; ଅଧିକନ୍ତୁ ହଜିଲା ଦିନର ଅନେକ ଅଭୁଲା କଥାକୁ। ଗୋଟିଏ ବ୍ରାହ୍ମଣ ପରିବାରରେ ତା'ର ଜନ୍ମ। ଅସମୟରେ ମା'କୁ ହରାଇଥିଲା ସେ। ପରିବାର କହିଲେ ସେ ତା'ର ସାନ ଭାଇ ଓ ଦେବପ୍ରତିମ ବାପା। ବାପାଙ୍କର ଆଦର ଯତ୍ନ, ସ୍ନେହ ଶ୍ରଦ୍ଧାରେ ମା'ର ଅନୁପସ୍ଥିତିକୁ ଭୁଲିଯାଇଥିଲେ ନୀଳ ଓ ତା'ର ଭାଇ। ଆଉ ତା'ର ଦେବପ୍ରତିମ ପିତା ଯିଏ ତା'ର ଓ ତା' ଭାଇର ମୁହଁକୁ ଚାହିଁ ଜୀବନର ସବୁ ଦୁଃଖକୁ ଭୁଲିଯାଇ ଥିଲେ। ଏ ପିଲା ଦୁଇଟିଙ୍କର ପ୍ରତିପାଳନ ଓ ଦେବତା ପାଖରେ ସେମାନଙ୍କର ମଙ୍ଗଳ କାମନା ଏହା ହିଁ ଥିଲା ତାଙ୍କର ଦୈନନ୍ଦିନ କାମ। ଭାଇଭଉଣୀ ଦୁହେଁ ଚାଟଶାଳୀରେ ପାଠପଢ଼ି ବହିସିଲଟ ଧରି ଧୂଳିଧୂସର ହୋଇ ଫେରନ୍ତି। ବାପା କୋଳରେ ସମସ୍ତ ଆଦର ଯତ୍ନ ପାଇ ହସ ଖୁସିରେ ସମୟ କଟାଇ ଦିଅନ୍ତି।

ଅତୀତର ସ୍ମୃତିଚାରଣ ଭିତରେ ନୀଳର ପୁଣି ମନେ ପଡ଼ିଯାଇଛି ସମୟ ପ୍ରଭାବରେ ସେ ଯୌବନରେ ପାଦ ଦେଇଛି। ବାପା ତା'ର ବିବାହ କରାଇଦେଇଛନ୍ତି। ନୂଆଲୁଗାରେ ଘୋଡ଼ାଇ ହୋଇ ବେଦୀରେ ବସି ନବବଧୂ ବେଶରେ ଶାଶୂଘର ଚାଲିଗଲା। ମାତ୍ର ସବୁକିଛି ଅଦିନରେ ଶେଷ ହୋଇଗଲା। ଲିଭିଗଲା ସୀମନ୍ତରୁ ସିନ୍ଦୂର। ନବବଧୂ ବେଶରେ ସଧବା ବେଶରେ ଯାଇଥିଲା ଫେରିଆସିଲା ବିଧବା ରୂପରେ। ତା'ର କରୁଣ ଜୀବନ ବିଳାପ କରିଉଠିଲା। ଅନାଗତ ଭବିଷ୍ୟତର ଆଶଙ୍କାରେ ନୀଳବାପା ଓ ନୀଳ ଆତଙ୍କିତ ହୋଇପଡ଼ିଥିବା ବେଳେ ସମାଜର ଭାବଧାରାରେ ଅଚାନକ ପରିବର୍ତ୍ତନ ଆସିଛି। ଆସିଛି ନାରୀ ଆନ୍ଦୋଳନର ଜୁଆର। ବୈଧବ୍ୟର ଯନ୍ତ୍ରଣା ଭିତରେ ବାପାର ତତ୍ତ୍ୱାବଧାନରେ ନୀଳ ପାଠ ପଢ଼ିଛି। ସିଲେଇ ଶିଖିଛି। ନାରୀ ଆନ୍ଦୋଳନର ଅନୁକୂଳ ପରିବେଶ ମଧ୍ୟରେ ପାଖ ଗାଁ ପ୍ରାଇମେରୀ ସ୍କୁଲରେ ସେ ହେଲା ମାଷ୍ଟରାଣୀ। ନୀଳର ପରିଚୟ ବଦଳିଗଲା। ସେ ଏବେ ନୀଳ ମାଷ୍ଟ୍ରାଣୀ।

ନୂତନର ଆବିର୍ଭାବରେ ପୁରାତନ ମରେନି। ସମାଜରେ ନାରୀ ଆନ୍ଦୋଳନର ଜୁଆର ଉଠିଥିଲେ ମଧ୍ୟ ରକ୍ଷଣଶୀଳତାର ଦୃଷ୍ଟିଭଙ୍ଗୀ ତଥାପି ଶିଥିଳ ହୋଇ ନ ଥିଲା। ବ୍ରାହ୍ମଣ ଘର ଝିଅ, ପୁଣି ବିଧବା, ପାଠ ପଢ଼ି ଚାକିରି କରିବାଟା ରକ୍ଷଣଶୀଳତାର ପ୍ରତ୍ୟେକ ବୃଦ୍ଧମାନେ ନିନ୍ଦା କଲେ। କିନ୍ତୁ ନୀଳ ମାଷ୍ଟ୍ରାଣୀ ବୁଢ଼ାମାନଙ୍କର ନିନ୍ଦାକୁ ଭୁଲିଥିଲା। କେବଳ ବଞ୍ଚିଥିଲା ଯୁବକମାନଙ୍କର ପ୍ରଶଂସାରେ, ଛାତ୍ରଛାତ୍ରୀମାନଙ୍କ ସମ୍ମାନରେ। ସମୟ କାହାକୁ ଅପେକ୍ଷା କରେନି। ମା' ପରି ବାପା ମଧ୍ୟ ଚାଲିଗଲେ ଆରପୁରକୁ। ଜୀବନର ସମସ୍ତ ଯନ୍ତ୍ରଣାକୁ ସହି ନୀଳ ସ୍ନେହର ଭାଇକୁ ମଣିଷ କରିବାରେ ଲାଗିଲା।

ଜୀବନରେ ଅନେକ କିଛି ହଠାତ୍ ଘଟିଯାଏ। ସେମିତି ସେଦିନ ଘଟିଥିଲା ନୀଳ ମାଷ୍ଟ୍ରାଣୀ ଜୀବନରେ। ଯେଉଁ ଗାଁରେ ସେ ମାଷ୍ଟ୍ରାଣୀ ହୋଇଥିଲା ସେଇ ଗାଁର ଯାତ୍ରାଦଳରେ ଅର୍ଜୁନ ଭୂମିକାରେ ଅଭିନୟ କରୁଥିବା ମଦନା ସେଠା ନୀଳ ମାଷ୍ଟ୍ରାଣୀର ସବୁକିଛି ଓଲଟପାଲଟ କରିଦେଲା। ବୈଧବ୍ୟର ଲାଲ୍ ଚାବୁକ୍‌ରେ ମୂର୍ଚ୍ଛିତା ନୀଳର ତାରୁଣ୍ୟ ହଠାତ୍ ଆବେଗରେ

Scanned with CamScanner

ଉଚ୍ଛ୍ୱସିତ ହୋଇ ଉଠିଲା। ଯୌବନର ଦୁର୍ବାର ଆକାଂକ୍ଷା ତାକୁ ଅନ୍ଧ କରିଦେଲା। ସେ ଭୁଲିଗଲା ଲୋକ ଅପବାଦ, ଭୁଲିଗଲା ଭାଇର ସ୍ନେହ। ମାନିଲାନି ସମାଜର ବନ୍ଧନ। ନୀଳ ମାଷ୍ଟ୍ରଣୀ ହେଲା ଯାତ୍ରାଦଳର ଅଭିନେତା ମଦନା ସେଠୀର ଜୀବନ ସାଥୀ। ତା'ର ଶିକ୍ଷକତା ଗଲା। ମଦନା ଘରର ବୋହୂ ହୋଇ ସେ ରହିଲା।

ସମୟ ପୁଣି ବଦଳିଲା। ଯାତ୍ରାଦଳ ଭାଙ୍ଗିଗଲା। ମଦନା ଯେଉଁ ଧୋବାକୁ ସେଇ ଧୋବା ହୋଇ ରହିଲା।

ଏଣିକି ନୀଳ ମାଷ୍ଟ୍ରାଣୀର ପରିଚୟ ହେଲା ନୀଳ ଧୋବଣୀ। ମଇଳା ଲୁଗା ଗଦା ଭିତରେ ଛଟପଟ ହେଉଥିବା ନୀଳ ଅତୀତର ସ୍ମୃତି ମଧୁର ଶୈଶବ ଓ ତା'ର ଭାଇ, ବାପାଙ୍କୁ ଭାବୁଭାବୁ ବେଳବୁଡ଼ି ରାତି ହୋଇଛି। ରାତିରେ ପଡ଼ିଶାଘରେ ଭାଇ ବାହାଘରର ଭୋଜି ଭାତ ଦେଖି ସେ ପାଗଳି ପରି ହୋଇଛି। ସେ ଶୁଣିଛି ଭାଉଜର ବଉଳପାଟ ପଡ଼ିଶାଘରର ବୋହୂ କାଟିବାକୁ ଆଣିଛି। ନୀଳ ଭିତରେ ଅତୀତର ଭଉଣୀଟିଏ ଚେଇଁଉଠିଛି; ଯିଏ ତା' ଭାଇକୁ ପ୍ରାଣଠାରୁ ବେଶୀ ଭଲପାଉଥିଲା। କିନ୍ତୁ ଧୋବଣୀ ପୁଣି ଥରେ ବ୍ରାହ୍ମଣ ଘରକୁ ଫେରିପାରିବନି। ପଡ଼ିଶାଘର ବୋହୂଠାରୁ ସେ ମାଗି ଆଣିଛି ଭାଉଜର ବଉଳପାଟ। କାଟି ସାରି ଆଉ ଫେରାଇ ନାହିଁ। ଭାଇ ନ ଆସିଲେ ସେ ତାହା ଫେରାଇବନି। ଭାଇ ତା'ର ପତିତା, ଅଜାତି ଭଉଣୀ ପାଖକୁ ଆସିବ କି ଆସିବନି ଏଇ ଦ୍ୱନ୍ଦ୍ୱ ଭିତରେ କେତେବେଳେ ଆସି ଭଉଣୀର ଦ୍ୱାର ମୁହଁରେ ପହଞ୍ଚିଛି ସେ ଜ୍ଞାନ ତା'ର ନାହିଁ। 'ନାନୀ' ଡ଼ାକରେ ମଦନା ସେଠୀର ପତ୍ନୀ ଭିତରେ ଆର୍ତ୍ତନାଦ କରି ଉଠିଛି ଭାଇର ଭଉଣୀ। ଭାଇକୁ ଅନ୍ଧାରରେ ଜାକିଧରି କହିଲା – "ମୁଁ ଚାଲି ଆସିଲି ବୋଲି ତୁ ଚାଲି ଆସିଲୁ, ଲୋକେ କହିବେ କ'ଣ, ଫେରିଯା।" ଭାଇ ଫେରି ଆସିଛି। ହାତରେ ତା'ର ବଉଳପାଟ ସହିତ ଭଉଣୀର ଲୁହ। ଭଉଣୀର ସ୍ନେହାଶ୍ରୁର ସ୍ପର୍ଶରେ ବିଚଳିତ ହୋଇପଡ଼ିଛି ଭାଇ। ଭଉଣୀର ଅନୁତାପ ଭାଇର ଅନ୍ତରକୁ ବେଦନାର୍ତ୍ତ କରିପକାଇଛି।

ଦୀର୍ଘଧର୍ମୀ ପ୍ରଶ୍ନୋତ୍ତର

ପ୍ର.୧। ଏକ ସାର୍ଥକ କ୍ଷୁଦ୍ରଗଳ୍ପ ଭାବେ 'ନୀଳମାଷ୍ଟ୍ରାଣୀ'ର ମୂଲ୍ୟାଙ୍କନ କର।

କିମ୍ବା, କ୍ଷୁଦ୍ରଗଳ୍ପର ସଂଜ୍ଞା ଦୃଷ୍ଟିରୁ ନୀଳମାଷ୍ଟ୍ରାଣୀର ସଫଳତା ବିଚାର କର।

କିମ୍ବା, କ୍ଷୁଦ୍ରଗଳ୍ପର ଧର୍ମ ଯଥାର୍ଥ କିପରି ଭାବରେ ପ୍ରତିପାଦିତ ହୋଇଛି ନୀଳ ମାଷ୍ଟ୍ରାଣୀ ଗଳ୍ପରେ ବିଚାର କର।

ଉ: ମଣିଷ ସୁବିସ୍ତୃତ ଜୀବନ ପ୍ରବାହ ମଧ୍ୟରୁ ଯେଉଁ ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତ ମଣିଷ ହୃଦୟରେ ଗଭୀର ରେଖାପାତ କରେ ଓ ସ୍ମରଣୀୟ ହୋଇ ରୁହେ, ସେଇ ନିର୍ଦ୍ଦିଷ୍ଟ ମୁହୂର୍ତ୍ତଟିକୁ ଉଦ୍‌ଭାସିତ କରିବା କ୍ଷୁଦ୍ରଗଳ୍ପର ଧର୍ମ। ବହୁ ମୁହୂର୍ତ୍ତର ସମଷ୍ଟିରେ ଘଟିତ ମଣିଷ ଜୀବନରେ ସବୁ ମୁହୂର୍ତ୍ତ ସମାନ ନ ଥାଏ କି ହୃଦୟରେ ରେଖାପାତ କରେ ନାହିଁ। ଯେଉଁ ବିଶେଷ ମୁହୂର୍ତ୍ତଟି ତା' ମାନସ ପଟରେ ପ୍ରଭାବ ପକାଏ କ୍ଷୁଦ୍ର ଗଳ୍ପ ସେହି ମୁହୂର୍ତ୍ତଟିକୁ ରୂପ ଦିଏ। ଜୀବନର ଖଣ୍ଡିତାଂଶକୁ କ୍ଷୁଦ୍ରକାଣ୍ଡ ପ୍ରକାଶ କରୁଥିବାରୁ ଏଥିରେ ବ୍ୟାପ୍ତି ନ ଥାଏ, ଥାଏ ଦୀପ୍ତି। ବିଖଣ୍ଡିତ ଜୀବନର ରସଘନ ପରିପ୍ରକାଶ ନାଟକୀୟ ଭାବରେ ଆରମ୍ଭ ହୋଇ ଆକସ୍ମିକତା ଭିତରେ ଶେଷ ହେଲେ ଓ ତାହା ସ୍ୱଳ୍ପ ସମୟ ଭିତରେ ପାଠକକୁ ପ୍ରଭାବିତ କରିପାରିଲେ ତାହା ଏକ ସାର୍ଥକ କ୍ଷୁଦ୍ରଗଳ୍ପ ଭାବରେ ପରିଚିତ ହୋଇଥାଏ। ଗୋଦାବରୀଶ ମହାପାତ୍ରଙ୍କ ଅନୁପମ ଅର୍ଘ୍ୟ 'ନୀଳମାଷ୍ଟ୍ରାଣୀ' କ୍ଷୁଦ୍ରଗଳ୍ପ ଏକ ସାର୍ଥକ କ୍ଷୁଦ୍ରଗଳ୍ପ। ଏ ଗଳ୍ପ ପଢ଼ିବା ବେଳେ ମନେ ପଡ଼ନ୍ତି ରବୀନ୍ଦ୍ର ନାଥ। ତାଙ୍କ ଭାଷାରେ କ୍ଷୁଦ୍ରଗଳ୍ପ ହେଉଛି –

"ଛୋଟ ପ୍ରାନ୍ ଛୋଟ ବ୍ୟଥା
ଛୋଟ ଛୋଟ ଦୁଃଖ କଥା
ନିତାନ୍ତଇ ସହଜ ସରଲ୍
× × × ×
ଅନ୍ତରେ ଅତୃପ୍ତି ରବେ ସାଙ୍ଗ କରି ମନେ ହେବେ
ଶେଷହୟ ହଇଲନା ଶେଷ।"

Scanned with CamScanner

ଛୋଟ ହୋଇ ମଧ୍ୟ କ୍ଷୁଦ୍ରଗଳ୍ପ ବିରାଟ। ଏଇ ଛୋଟ ପ୍ରାଣୀ ମହାପ୍ରାଣର ଦ୍ୟୋତନା ଯେପରି ଆଲୋଚ୍ୟ ଗଳ୍ପର ନୀଳମାଷ୍ଟ୍ରାଣୀ ଚରିତ୍ର। ବର୍ଣ୍ଣନାର ଘନଘଟା ତା' ଭିତରେ ନାହିଁ। ଗୋଟିଏ ମୁହୂର୍ତ୍ତରେ ଭୁଲ୍‌କୁ ପ୍ରକାଶିତ କରିବାକୁ ଯାଇ ପରିଣତିରେ ଅନ୍ତଃହୀନ ଜିଜ୍ଞାସା ଓ ଅତୃପ୍ତିର ବାସନା ଦେଇଯାଇଛି ଏ ଚରିତ୍ର।

ଗାହ୍ନିକ ଗୋଦାବରୀଶ ମହାପାତ୍ର ମୁଖ୍ୟତଃ ଜଣେ କବି; ମାତ୍ର ଓଡ଼ିଆ ସାହିତ୍ୟର ଗଳ୍ପଧାରାରେ ଲେଖନୀ ଚାଳନା କରି ବହୁ ସାର୍ଥକ କ୍ଷୁଦ୍ରଗଳ୍ପ ରଚନା କରିଛନ୍ତି। ତାଙ୍କ ରଚିତ 'ମାଗୁଣିର ଶଗଡ଼'ରେ ଯନ୍ତ୍ର ସଭ୍ୟତାର ଅଭିଶାପ ଯେପରି ଚିତ୍ରିତ 'ଏବେ ମଧ୍ୟ ବଞ୍ଚିଛି' ଗଳ୍ପରେ ଜାତୀୟ ସ୍ୱାଭିମାନ ସେହିଭଳି ପ୍ରତୀକିତ। ସମାଜ, ସଂସ୍କୃତି, ରାଜନୀତି, ଜାତୀୟ ଜୀବନର ଭାବସତ୍ତା ତାଙ୍କର ବିଭିନ୍ନ ଗଳ୍ପର କଥାବସ୍ତୁ। ସେ ଜୀବନର ରୂପକାର। ତାଙ୍କ କବିତା ପରି ଗଳ୍ପ ମଧ୍ୟ ଏ ମାଟିର ଅମ୍ଳାନ ଫୁଲ। ସ୍ୱପ୍ନର ସୀମାହୀନ ଆକାଶରେ ହଜି ନ ଯାଇ ଜୀବନର କଣ୍ଟକ ଶଯ୍ୟାରେ କ୍ଷତାକ୍ତ ମନର ଯନ୍ତ୍ରଣାକୁ ହୃଦୟର ବେଦନାକୁ ରୂପାୟିତ କରିବାରେ ସେ ଅଧିକ ଆଗ୍ରହୀ। 'ଜୀବନ' ତାଙ୍କ ଗଳ୍ପର ପ୍ରାଣଧାରା ହୋଇଥିବାରୁ ତାହା ନିତ୍ୟ କାଳର ଚିରନ୍ତନ ସତ୍ୟକୁ ହିଁ ପ୍ରକାଶିତ କରେ।। ତାଙ୍କ 'ନୀଳ ମାଷ୍ଟ୍ରାଣୀ' ଗଳ୍ପ ଏହାକୁ ସାର୍ଥକ ଭାବରେ ପ୍ରକାଶ କରିଛି।

ଆଲୋଚ୍ୟ କ୍ଷୁଦ୍ରଗଳ୍ପଟି ସୃଷ୍ଟି ହୋଇଛି ନୀଳମାଷ୍ଟ୍ରାଣୀର ଅଶ୍ରୁଳ ତଥା କରୁଣ କାହାଣୀକୁ ନେଇ। ଅତିନାଟକୀୟ ଭାବରେ ଗୋଟିଏ ଜୀବନର ଅଭିଶାପ ଓ ତାହା ପ୍ରତି ସାମାଜିକ ପ୍ରତିକ୍ରିୟାର ଇଙ୍ଗିତ ଦେଇ ଗାହ୍ନିକ କଥାବସ୍ତୁର ଆରମ୍ଭ କରିଛନ୍ତି। କୌଣସି ଏକ ଗାଁର ଧୋବାଘର ଛୋଟ କୁଡ଼ିଆ ଭିତରେ ମଇଳା ଲୁଗାର ଗଣ୍ଠିଲି ଉପରେ ମୁହଁପୋତି ଅତୀତର ସ୍ମୃତିଚାରଣ କରୁଥିବା ବାଇଶ ବର୍ଷର ଜଣେ ଅନୁତପ୍ତା ନାରୀକୁ ଗାହ୍ନିକ ସାମ୍ନାରେ ଠିଆ କରାଇଛନ୍ତି। ଆଖି ବୁଜି ଭାବୁଥିଲା ସେ ଅତୀତର ଅଭୁଲା କଥାକୁ। ବ୍ରାହ୍ମଣ ପରିବାରରେ ଜନ୍ମ ହୋଇଥିଲା ସେ। ଅଦିନରେ ମା'କୁ ହରାଇଥିଲା। ଦେବପ୍ରତିମ ପିତା ଓ ସାନଭାଇଙ୍କ ସହିତ ଶୈଶବ କଟାଇଥିଲା। ମାତୃହୀନ ଦୁଇଟି ସନ୍ତାନଙ୍କର ମୁହଁକୁ ଚାହିଁ ପିତା ସବୁଦୁଃଖ ଯନ୍ତ୍ରଣାକୁ ଭୁଲିଯାଇଥିଲେ। ବଡ଼ ଦୁଃଖକଷ୍ଟରେ ମଣିଷ କରିଥିବା ନୀଳକୁ ସମୟାନୁସାରେ ବିବାହ ମଧ୍ୟ କରାଇଥିଲେ। ମାତ୍ର ବିଧିର ବିଡ଼ମ୍ବନା ନୀଳ ବିବାହର ଅଳ୍ପ ଦିନରେ ପିତାଗୃହକୁ ଫେରିଆସିଲା ନିରାଭରଣ ବେଶରେ। ସବୁକିଛି ଅଦିନରେ ଶେଷ ହୋଇଯାଇଥିଲା।

ଏହି ସମୟରେ ସମାଜର ନାରୀ ଆନ୍ଦୋଳନର ଜୁଆର ପ୍ରଭାବରେ ନୀଳ ପାଠପଢ଼ି ପାଖ ଗାଁ ସ୍କୁଲରେ ମାଷ୍ଟ୍ରାଣୀ ହେଲା। ପିତା ଚାଲିଯିବା ପରେ ପ୍ରିୟ ଭାଇକୁ ମଣିଷ କରିବାର ଦାୟିତ୍ୱ ନୀଳ ନେଇଛି। ଜୀବନରେ ଆକସ୍ମାତ୍ ସବୁକିଛି ଘଟିଥିଲା ପରି ନୀଳ ଜୀବନରେ ଘଟିଲା ସେହିପରି ଏକ ଘଟଣା। ବିଧବାର ବେଶ ଭିତରେ ମୂର୍ଚ୍ଛିତା ହୋଇ ପଡ଼ିଥିଲା ନିଳର କାମନା ତାକୁ ଆକୃଷ୍ଟ କରିଛି। ଭାରତ ଲୀଳାରେ ଅର୍ଜୁନ ଭୂମିକାରେ ଅବତୀର୍ଣ୍ଣ ହୋଇଥିବା ମଦନା ସେଠୀର ରୂପ ତାକୁ ଆକର୍ଷଣ କରିଥିଲା। ପୁରୁଷର ବଳିଷ୍ଠ ଶରୀର ନାରୀ ମନକୁ ଉଚ୍ଚାଟିତ କରେ ଓ ଆକର୍ଷିତ କରେ। ଭାରତ ଲୀଳାର ଅର୍ଜୁନ ଭିତରେ ଥିବା ମଦନା ସେଠୀ ପ୍ରତି ଆକର୍ଷିତ ହୋଇ ନୀଳ ଭୁଲିଛି ସମାଜର ବନ୍ଧନ, ଲୋକଅପବାଦ ଓ ଭାଇର ସ୍ନେହ। ଜାତି, କୁଳ ମାନକୁ ଜଳାଞ୍ଜଳି ଦେଇ ସେ ମଦନା ସେଠୀର ଜୀବନ ସାଥୀ ହୋଇଯାଇଛି। ନୀଳ ମାଷ୍ଟ୍ରାଣୀ ହୋଇଯାଇଛି ନୀଳ ଧୋବଣୀ।

ମଣିଷର ଅନିଚ୍ଛା ସତ୍ତ୍ୱେ ସମୟ ଅନେକ କିଛି ପରିବର୍ତ୍ତନ କରିଦିଏ। ନୀଳ ଜୀବନରେ ପୁଣି ଭଟ୍ଟା ଆସିଲା। ଯାତ୍ରାଦଳ ଭାଙ୍ଗିଗଲା। ମଦନା ଆର୍ଥିକ ଅନଟନର ଶିକାର ହୋଇ ମଦ୍ୟପ ସାଜିଲା। ଅଭାବ, ଅନଟନ ସହିତ ମଦନାର ନିର୍ମମ ପ୍ରହାରରେ ନୀଳ ମୋହମୁକ୍ତି ଘଟିଛି। ତା'ର ପ୍ରାଣ କରୁଣ ବିଳାପ କରିଉଠିଛି। ମଇଳା ଲୁଗା କାଚିବା ବ୍ୟତୀତ ନୀଳ ଆଗରେ ଅନ୍ୟ ଗତି ନାହିଁ। ଗୋଟିଏ ଭ୍ରାନ୍ତମୋହରେ ସମାଜ ଦୃଷ୍ଟିରେ ପତିତା ହେବାର କଳଙ୍କକୁ ସେ ବରଣ କରିନେଇଥିବା ନୀଳ ମର୍ମଦାହ, ଅନୁଶୋଚନା ଭିତରେ ଜଳିପୋଡ଼ି ଆହୁରି ଜାଜ୍ୱଲ୍ୟମାନ ହୋଇଛି – ଗାହ୍ନିକଙ୍କ ଲେଖନୀରେ। ତା' ଜୀବନରେ କରୁଣ ପରିଣତିକୁ ଲେଖକ ଏତିକିରେ ଶେଷ କରିନାହାନ୍ତି। ଗଳ୍ପର କ୍ଲାଇମାକ୍ସରେ ନୀଳ ନିଜ ଭାଇର ଭୋଜିଭାତ ପାଇଁ ପଡ଼ିଶା ଘରେ ଅଳି କରିଛି। ନୀଳ ଧୋବଣୀ ଭିତରେ ନୀଳ ମାଷ୍ଟ୍ରାଣୀର ଦୁର୍ଦ୍ଧର୍ଷ ଆତ୍ମା ବିଳାପ କରିଉଠିଛି। ଭାଉଜର

Scanned with CamScanner

ବଉଳ ପାଟ ପଡ଼ିଶାଘର ବୋହୂଠାରୁ କାଚିବାକୁ ଆଣି ଆଉ ଫେରାଇନାହିଁ ସେ। ଭାଇ ନ ଆସିଲେ ସେ ବଉଳପାଟ ଫେରାଇବନି। ଭାଇ ତା'ର ପତିତା ଭଉଣୀ ପାଖକୁ ଯିବ କି ନାହିଁ ଏଇ ଦ୍ୱନ୍ଦ୍ୱ ଭିତରେ ଏଇ ମାନସିକ ସଂଘର୍ଷ ଭିତରେ କେତେବେଳେ ଭଉଣୀ ପାଖରେ ପହଞ୍ଚିଯାଇଛି। ଭାଇର 'ନାନୀ' ଡ଼ାକରେ ଅନ୍ଧାରର ନିବିଡ଼ତା ଭିତରେ ନୀଳ ଭାଇକୁ ଜାକିଧରି ଅଶ୍ରୁଳ ନୟନରେ କହିଛି – "ମୁଁ ଚାଲିଆସିଲି ବୋଲି ତୁ ଚାଲିଆସିଲୁ? ଲୋକେ ବୋଲିବେ କ'ଣ? ତୁ ମଧ୍ୟ କୂଳରେ କଳଙ୍କ ଲଗାଇବୁ? ଫେରିଯାଆ, ଫେରିଯାଆ।"

ଭାଇ ବଉଳପାଟ ନେଇ ଫେରିଗଲା କିନ୍ତୁ ତା' ହାତରେ ଲାଗିଥିବା ଭଉଣୀର ଅନୁତପ୍ତ ଅଶ୍ରୁବିନ୍ଦୁ ତା' ପ୍ରାଣକୁ ବ୍ୟଥିତ କରିଛି, ବିଚଳିତ କରିଛି।

ଏହା ଏକ ସାର୍ଥକ କ୍ଷୁଦ୍ରଗଳ୍ପ। କ୍ଷୁଦ୍ର ପରିବେଶ ଭିତରେ ଏଥିରେ ଜୀବନର ତତ୍ତ୍ୱ ସାଙ୍କେତିକ ଭାବରେ ଅଭିବ୍ୟକ୍ତ ହୋଇଛି। ଏ ଗଳ୍ପରେ ଘଟଣାର ଘନଘଟା ନାହିଁ। ଅଛି ଘଟଣାର ଏକମାତ୍ର ଏକମୁଖୀନତା ଯାହା ଆଧୁନିକ କ୍ଷୁଦ୍ରଗଳ୍ପର ଚରମଧର୍ମ। ପୁନଶ୍ଚ ସ୍ୱଳ୍ପ ଚରିତ୍ର ଭିତରେ ଅନ୍ତର୍ଦ୍ୱନ୍ଦ୍ୱର ପରିପ୍ରକାଶ ସାର୍ଥକ ଭାବରେ ଫୁଟି ଉଠିଛି। ପରିଣତିରେ ନୀଳର ପରବର୍ତ୍ତୀ ଜୀବନ ପାଇଁ ଏକ ଅନ୍ତଃହୀନ ଜିଜ୍ଞାସା ପାଠକ ମନରେ ସ୍ୱତଃ ସୃଷ୍ଟି କରେ ଉତ୍କଣ୍ଠା। ଏହିସବୁ ଦୃଷ୍ଟିରୁ ବିଚାର କଲେ 'ନୀଳ ମାଷ୍ଟ୍ରାଣୀ' ଏକ ସାର୍ଥକ କ୍ଷୁଦ୍ରଗଳ୍ପ। ଯେଉଁଥିରେ ନୀଳ ଜୀବନର ଖଣ୍ଡିତ ମୁହୂର୍ତ୍ତର ରସଘନ ଅନୁଭୂତି ଅତ୍ୟନ୍ତ ଆବେଗିକ ଭାବରେ ପ୍ରକାଶିତ ହୋଇଛି ଏବଂ ଏକ ସାର୍ବକାଳିକ ସମ୍ବେଦନତା ସୃଷ୍ଟି କରିଛି।

ପ୍ର.୨। ନୀଳ ମାଷ୍ଟ୍ରାଣୀର ଚରିତ୍ର ଚିତ୍ରଣ କର।

କିମ୍ବା, ନୀଳମାଷ୍ଟ୍ରାଣୀର ଜୀବନ ଏକ ହୃଦୟବିଦାରକ ମର୍ମଲିପି – ଆଲୋଚନା କର।

କିମ୍ବା, ଏକ କାରୁଣ୍ୟଭରା ଶୋକୋଚ୍ଛ୍ୱାସ 'ନୀଳ ମାଷ୍ଟ୍ରାଣୀ' ଗଳ୍ପର ଅନ୍ତଃସ୍ୱର ବର୍ଣ୍ଣନା କର।

ଉ: ଜୀବନର ରୂପକାର ଗୋଦାବରୀଶ ମହାପାତ୍ରଙ୍କର 'ନୀଳମାଷ୍ଟ୍ରାଣୀ' ଗଳ୍ପ ଜୀବନର ଶାଶ୍ୱତ ବନ୍ଦନା ଗୀତିର ବାଙ୍ମୟ ରୂପ। ଗାଳ୍ପିକ ଏଠାରେ ଜଣେ ନାରୀର କାରୁଣ୍ୟଭରା ଜୀବନରେ ରୂପାଙ୍କନ କରିଛନ୍ତି ନୀଳମାଷ୍ଟ୍ରାଣୀ ଚରିତ୍ର ମାଧ୍ୟମରେ। ଚରିତ୍ର ଦୁଇ ପ୍ରକାର – ଗୋଟିଏ ମାଟିର ପ୍ରତିମା ଆଉ ଗୋଟିଏ ଆଦର୍ଶର। ଗୋଟିଏ ବସ୍ତୁ ଜଗତର ଅନ୍ୟଟି ଭାବଜଗତର। ପ୍ରଥମଟି ଭିତରେ ମାଟିର ମଣିଷ ନିଜର ସ୍ୱରୂପକୁ ଦେଖେ। ନିଜ ଭିତରେ ସ୍ୱପ୍ନ ଓ ସ୍ୱପ୍ନଭଙ୍ଗର ବେଦନା, ଯନ୍ତ୍ରଣା ଜର୍ଜରିତ ଜୀବନର ଚିତ୍ର ଦେଖେ। ଗଢ଼େ ପୁଣି କେତେ ଆଶାର ସୌଧ, ଯାହା ନିର୍ମିତ ହୁଏ ଭାଙ୍ଗିଯିବାପାଇଁ। ଦ୍ୱିତୀୟ ପ୍ରକାର ଚରିତ୍ରଟି ପ୍ରତି ଆମର ଶ୍ରଦ୍ଧା, ସମ୍ମାନ ଥିଲେ ମଧ୍ୟ ତା' ଭିତରେ ନିଜକୁ ସମ୍ପୂର୍ଣ୍ଣ ଅଭିବ୍ୟକ୍ତ ହୋଇଥିବାର ଆମେ ଦେଖିପାରୁନେ। ଆମ ଭିତରେ ଆଦର୍ଶର ସୃଷ୍ଟିପାଇଁ ଆଦର୍ଶ ଚରିତ୍ରର ପରିକଳ୍ପନା କରିଥାଏ ଲେଖକ। ନୀଳ ମାଷ୍ଟ୍ରାଣୀ କିନ୍ତୁ ମାଟିର ପ୍ରତିମା। ଏହି ଚରିତ୍ରର ଜୀବନ ଏକ ହୃଦୟବିଦାରକ ମର୍ମଲିପି। ଗଳ୍ପର କାହାଣୀ ଭିତରେ ତା'ର ଜୀବନ ତଟିନୀ କେତେବେଳେ ସମତଳ ପ୍ରଦେଶର ତଟିନୀ ପରି ଧୀର ମନ୍ଥର, ବୈଚିତ୍ର୍ୟ ହୀନ, କେତେବେଳେ ଗିରି ଝରଣା ପରି ଗତି ମୁଖରିତ ଆଉ କେତେବେଳେ ପାଷାଣ ଗହ୍ୱର ଭିତରୁ ମୁକ୍ତିର ବାଟ ନ ପାଇ ସେ ଏକ ବିଳପିତ ଜୀବନ। ଗଳ୍ପର କଥାବସ୍ତୁ ଆରମ୍ଭ ହୋଇଛି ଅତୀତର ସ୍ମୃତିଚାରଣରୁ। ମଇଳା ଲୁଗା ଭିତରେ ଅନେକ ମଇଳାର ସ୍ମୃତିଚାରଣ। ଗୋଟିଏ ପଥଭୁଲା ସନ୍ତପ୍ତ ଚରିତ୍ର ପୁଣି ଥରେ ପୂର୍ବାବସ୍ଥାକୁ ଫେରି ନ ପାରିବାର ମର୍ମାନ୍ତିକ ଯନ୍ତ୍ରଣାରୁ ହିଁ ଅନୁଚିନ୍ତାର ଆରମ୍ଭ। ଏ ଅନୁଚିନ୍ତା ତା' ପାଇଁ ଆଣିଛି ଅନୁତାପ। ଲୁହରେ ଏ ଗଳ୍ପର ଆରମ୍ଭ, ଲୁହରେ ଏହାର ପରିସମାପ୍ତି। ଲୁହର ପ୍ରଖର ସ୍ରୋତରେ ନୀଳ ଚରିତ୍ରଟି ଯେମିତି ଭାସିଯାଇଛି ଆରମ୍ଭରୁ ଶେଷ ପର୍ଯ୍ୟନ୍ତ। ଦୁଃଖ ଏ ଚରିତ୍ରର ହାତ ଧରି ଚାଲିଛି ଜୀବନସାରା।

ସେ ଥିଲା କୁଳିନ ବ୍ରାହ୍ମଣ କନ୍ୟା। ଶୈଶବରେ ମାତାକୁ ହରାଇବାର ଦୁଃଖକୁ ସେ ଭୁଲିଥିଲା ପିତାଙ୍କର ସ୍ନେହ ସ୍ପର୍ଶରେ। ପିତାଙ୍କ ଠାରୁ ପାଇଥିଲା ମା'ର ମମତା, ପିତାର ଆଶୀର୍ବାଦ। ଉତ୍ତୀର୍ଣ୍ଣ କୈଶୋରରେ ବେଦୀରେ ବସି ହାତ ଧରିଲା ଆଉ ଜଣଙ୍କର। ଜୀବନରେ ବସନ୍ତର ମାଦକତାକୁ ଉପଭୋଗ କରିବା ପୂର୍ବରୁ ଝଞ୍ଜା ପ୍ରଳୟରେ ସବୁକିଛି ହରାଇବସିଲା।

Scanned with CamScanner

ମାତ୍ର ଛ' ମାସରେ ବିବାହିତା ଜୀବନ ପରେ ସୀମନ୍ତରୁ ଲିଭିଗଲା ସିନ୍ଦୂର। ବୈଧବ୍ୟ ତା' ଜୀବନରେ ଦୁଃଖର ପାହାଡ଼ ଲଦିହେଲା। ଲୁହର ବନ୍ୟାରେ ଭାସିଯାଇ ସେ ପୁଣି ଫେରି ଆସିଲା ବାପଘରକୁ। ନୀଳ ଭବିଷ୍ୟତକୁ ଚିନ୍ତା କରି ଅନନ୍ୟୋପାୟ ପିତା ନାରୀ ଆନ୍ଦୋଳନରେ ଭାସିଯାଇ ଝିଅକୁ ପଢ଼ାଇଲେ। ସୁଯୋଗକୁ ପାଖ ଗାଁ ପ୍ରାଇମେରୀ ସ୍କୁଲରେ ସେ ମାଷ୍ଟ୍ରାଣୀ ହୋଇଗଲା। ତା'ର ଭାଇକୁ ମଣିଷ କରିବାରେ ଓ ସାନ ସାନ ପିଲାଙ୍କୁ ପାଠ ପଢ଼ାଇବାରେ ତା' ସମୟ ସମତଳ ଭାବରେ ଗଡ଼ିଯାଉଥିଲା। ଦିନେ କିନ୍ତୁ ସବୁ ଓଲଟ ପାଲଟ ହୋଇଗଲା। ବୈଧବ୍ୟ ସୀମନ୍ତର ସିନ୍ଦୂରକୁ ଲିଭାଏ ସିନା ଯୌବନର କ୍ଷୁଧାକୁ ପ୍ରଶମିତ କରିପାରେନା। ଅବଦମିତ କାମନା ହଠାତ୍ ଯେତେବେଳେ ଉଚ୍ଛ୍ୱସିତ ହୁଏ, ସେତେବେଳେ କୌଣସି ବାଧା ବନ୍ଧନ ମାନେନା। ନୀଳ ମାଷ୍ଟ୍ରାଣୀ ଚରିତ୍ରର ଠିକ୍ ତାହା ହିଁ ହୋଇଛି। ଯାତ୍ରା ଦଳର ମଦନା ସେଠୀ ହଠାତ୍ ତା'ର କାମନାକୁ ଆବେଗକମ୍ପିତ କରିଥିଲା। କୁଳ, ଧର୍ମ, ସମାଜ ନ ମାନି ସେ ମଦନା ସେଠୀର ହାତ ଧରିଲା। କିନ୍ତୁ ଯାତ୍ରାଦଳ ଭାଙ୍ଗିଯିବା ପରେ ମଦ୍ୟପ ମଦନାର ଅସଲ ସ୍ୱରୂପ ନୀଳର ସାମ୍ନାକୁ ଆସିଲା, ମଇଳା ଲୁଗାର ବୋଝ ନୀଳ ମାଷ୍ଟ୍ରାଣୀକୁ ପରିଚିତ କଲା ନୀଳଧୋବଣୀ ରୂପେ। ନିମିଷକର ଉତ୍ତେଜନାରେ କରିଥିବା ଭୁଲ୍ ପାଇଁ ସେ ଅନୁତାପ କଲା। ଅନେକ ଘଟଣା ଏମିତି ଆକସ୍ମିକ ଘଟେ; ଯେଉଁଥିପାଇଁ ମଣିଷ ପ୍ରସ୍ତୁତ ନ ଥାଏ। ନୀଳ ବି ସେମିତି ପ୍ରସ୍ତୁତ ନ ଥିଲା। ସ୍ୱପ୍ନରେ ଆନନ୍ଦ ଅଛି। କିନ୍ତୁ ସେ ଆନନ୍ଦ ଅପେକ୍ଷା ସ୍ୱପ୍ନ ଭଙ୍ଗର ବେଦନା ଅଧିକ ଯନ୍ତ୍ରଣାଦାୟକ। ଏହି ବେଦନା ହିଁ ନୀଳ ଜୀବନକୁ କରୁଣ କାବ୍ୟରେ ପରିଣତ କରିଛି।

ମଇଳା ଲୁଗାର ପାହାଡ଼ ଉପରେ ମୁହଁ ଲୁଚାଇ ନୀଳ କାନ୍ଦୁଥିଲା ଅସହାୟା ହୋଇ। ହଠାତ୍ ସେ ପଡ଼ିଶା ଘରୁ ଶୁଣିଛି ଭାଇର ବାହାଘର କଥା। ନୀଳଧୋବଣୀ ଭିତରେ ପୁଣି ଜାଗ୍ରତ ହୋଇଛି ନୀଳମାଷ୍ଟ୍ରଣୀ। ଭାଇ ପ୍ରତି ତା'ର ଦୁର୍ବାର ମମତା ଜାଗି ଉଠିଛି। ସେ ଜାଣେ ରକ୍ଷଣଶୀଳ ସମାଜ ତାକୁ ଆଉ ଗ୍ରହଣ କରିବନି। କିନ୍ତୁ ସ୍ନେହ, ମମତା ସମାଜ ଦ୍ୱାରା ଗଢ଼ା ନୀତି ନିୟମର ଲାଲ୍ ଚାବୁକ୍‌କୁ କ'ଣ ଭ୍ରୂକ୍ଷେପ କରେ ? ଭାଉଜର ବଉଳପାଟକୁ ନୀଳ କାଚିବାକୁ ଆଣି ଆଉ ଫେରାଇଲାନି– ଭାଇ ରାତିର ଅନ୍ଧାର ଭିତରେ ଆସି ବଉଳପାଟ ଧରି ଫେରିଛି ସତ; କିନ୍ତୁ ନୀଳ ଆଉ ଫେରିପାରିନି ଭାଇର ଘରକୁ। ଭାଇର ହାତରେ ଲାଗିଥିବା ଭଉଣୀର ଅଶ୍ରୁ ତା' ହୃଦୟକୁ ବିଦୀର୍ଣ୍ଣ କରିଛି।

ଏବେ ନୀଳ ଚରିତ୍ରର ମନସ୍ତାତ୍ତ୍ୱିକ ଦିଗକୁ ଅନୁଶୀଳନ କରାଯାଇପାରେ। ନୀଳମାଷ୍ଟ୍ରାଣୀ କ'ଣ ମଦନାକୁ ପ୍ରକୃତରେ ଭଲ ପାଇଥିଲା ? ଯଦି ଭଲ ପାଇଥାଏ, ତେବେ ମଇଳା ଲୁଗାର ଗଦା ତାକୁ ଦୁଃଖ ଦେଇ ନ'ଥାନ୍ତା। ଫୁଲର ପାଖୁଡ଼ା ପରି ଲାଗିଥା'ନ୍ତା। ନୀଳମାଷ୍ଟ୍ରାଣୀକୁ ମଦନାର ଅର୍ଜ୍ଜୁନ ବେଶ ହିଁ ଆକର୍ଷିତ କରିଥିଲା। ଯୁବତୀ ନୀଳ ମଦନା ଭିତରେ ଥିବା କଳାକାରର ଭାବ ସତ୍ତାକୁ ଭଲପାଇଥିଲା। ଏ ଭଲ ପାଇବା ଭିତରେ ସମାଜର ଅନୁଶାସନକୁ ସେ ଭ୍ରୂକ୍ଷେପ କରିନି। ମାତ୍ର ଯାତ୍ରାଦଳର ମଦନାକୁ ଯେତେବେଳେ ସେ ମଦ୍ୟପ ରୂପରେ ଦେଖିଛି, ସେତେବେଳେ ନୀଳ ମାଷ୍ଟ୍ରାଣୀର ମନେ ହୋଇଛି ତୃଷା ନିବାରଣପାଇଁ ନିର୍ମଳ ଜଳ ବଦଳରେ ସେ ବିଷ ହିଁ ପିଇଛି। ଏଇଠି ତା'ର ଅନୁତାପ ଆସିଛି। ମଦ୍ୟପ ଧୋବା ଭିତରେ ନୀଳ ଯେତେବେଳେ ଦେଖିଛି କଳାର କବର, ସେତେବେଳେ ତା'ର ମନେ ହୋଇଛି ସେ ଏମିତି ଏକ ଭୁଲ୍ କରିଛି; ଯାହାର ସଂଶୋଧନ ନାହିଁ। ତେଣୁ ତ୍ରିଶଙ୍କୁ ପରି ସେ ଯନ୍ତ୍ରଣାଜର୍ଜ୍ଜରିତା। ଚରିତ୍ରର ଅନ୍ୟତମ ମନସ୍ତାତ୍ତ୍ୱିକ ଦିଗ ହେଉଛି ରକ୍ତର ଆକର୍ଷଣ। ଧୋବଣୀ ନୀଳ ଭିତରେ ବଞ୍ଚି ରହିଥିଲା ଭଉଣୀର ଭାବସତ୍ତା। ସେଇ ଭଉଣୀର ମମତା ହଠାତ୍ ଦିନେ ଉଚ୍ଛ୍ୱସିତ ହେଲା ଅନ୍ୟ ଧୋବଣୀ ଆଣିଥିବା ଭାଉଜର ବଉଳ ପାଟକୁ ସେ ଫେରାଇଲାନି। ବଉଳପାଟ ଏକ ମାଧ୍ୟମ, ଯାହା ମାଧ୍ୟମରେ ରକ୍ତ ଆହ୍ୱାନ କରିଛି ରକ୍ତକୁ। ଭଉଣୀ ଡାକିଛି ଭାଇକୁ। ତେଣୁ ଭାଇ ଆସିଛି ଭଉଣୀ ପାଖକୁ, ଭାଇ ବୁଝିଛି ଭଉଣୀର ହୃଦୟକୁ କିନ୍ତୁ ନିରୁପାୟ ହୋଇ ସେ ଫେରିଯାଇଛି।

ଏ ଗଳ୍ପର ନାୟିକା ପ୍ରାରମ୍ଭରେ ସୁଅ ମୁହଁରେ ପତର। ମଝିରେ କାମନାର ଅଗ୍ନିଶିଖା ଓ ଶେଷରେ ଅନୁତାପର ଅଶ୍ରୁଧାରା। ଏମିତି ଅସଫଳ ଜୀବନ, ଏମିତି ସ୍ୱପ୍ନ ଭଙ୍ଗର ଯନ୍ତ୍ରଣା। ଏମିତି ଅସମାପ୍ତ ଲୁହ ଭିତରେ ଅନେକ ନାରୀର ଅନ୍ତରାତ୍ମାକୁ ଦେଖିହୁଏ। ଗାଳ୍ପିକଙ୍କର 'ନୀଳ' ଚରିତ୍ରଟି ଏକ ସାର୍ବକାଳିନ ଚରିତ୍ର ଭାବରେ ଆତ୍ମପ୍ରକାଶ କରିଛି ଏହି ଗଳ୍ପରେ।

Scanned with CamScanner

ସଂକ୍ଷିପ୍ତ ପ୍ରଶ୍ନୋତ୍ତର

ପ୍ର.୧। ଗୋଦାବରୀଶ ମହାପାତ୍ରଙ୍କ ବିଷୟରେ ସଂକ୍ଷେପରେ ଲେଖ ?

ଉ: ଗୋଦାବରୀଶ ମହାପାତ୍ର ସତ୍ୟବାଦୀ ଚିନ୍ତା ଚେତନାର ଶେଷ ରଶ୍ମୀ ଥିଲେ। ସେ ବାଣପୁରର କୁମାରଙ୍କ ଶାସନରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ଲିଖିତ ପୁସ୍ତକଗୁଡ଼ିକ ହେଲା ଗଳ୍ପ-ପଲ୍ଲୀଛାୟା, ଏବେ ମଧ୍ୟ ବଞ୍ଚନୁ, ଗରିବର ଭଗବାନ, ବନ୍ଦୀ ଯୁବକ, ମାଟିର ମାୟା, କଳାପାଣି ଓ ନୀଳମାଷ୍ଟ୍ରାଣୀ।

ପ୍ର.୨। ନୀଳ କେଉଁ ପରିବାରରେ ଜନ୍ମ ଗ୍ରହଣ କରିଥିଲା ?

ଉ: ନୀଳ ବ୍ରାହ୍ମଣ ପରିବାରରେ ଜନ୍ମ ଗ୍ରହଣ କରିଥିଲା। ସେ ଅସମୟରେ ତାର ମାଆକୁ ହରାଇଥିଲା। ପରିବାର କହିଲେ ସେ ତା'ର ସାନ ଭାଇ ଓ ଦେବପ୍ରତିମ ବାପା।

ପ୍ର.୩। ନୀଳ ବାପାଙ୍କର ଦୈନନ୍ଦିନ କାମ କ'ଣ ଥିଲା ?

ଉ: ନୀଳ ମା'କୁ ଛୋଟବେଳରୁ ହରାଇଥିଲା। ପିଲା ଦୁଇଟିଙ୍କର ପ୍ରତିପାଳନ ଓ ଦେବତା ପାଖରେ ସେମାନଙ୍କର ମଙ୍ଗଳ କାମନା ଏହା ହିଁ ଥିଲା ନୀଳର ଦୈନନ୍ଦିନ କାମନା।

ପ୍ର.୪। ପିଲା ଦୁଇଜଣ କିପରି ହସଖୁସିରେ ସମୟ କଟାଇଥାନ୍ତି ?

ଉ: ନୀଳ ଓ ତା'ର ଭାଇ ଘରେ ରହୁନ୍ତି। ମାଆ ମରିଯିବା ପରେ ବାପା ତାଙ୍କର ସବୁ କାର୍ଯ୍ୟ କରିଥାନ୍ତି। ପିଲା ଦୁଇଜଣ ସ୍କୁଲକୁ ଯାଇଥାନ୍ତି। ଦୁହେଁ ଚାଟଶାଳୀରୁ ପାଠପଢ଼ି ବହିସିଲଟ ଧରି ଧୂଳି ଧୂସର ହୋଇ ଫେରନ୍ତି। ବାପା କୋଳରେ ସମସ୍ତେ ଆଦର ପାଇ ହସ ଖୁସିରେ ସମୟ କଟାଇଥାନ୍ତି।

ପ୍ର.୫। ନୀଳ ମାଷ୍ଟ୍ରାଣୀ କାହାକୁ ଭଲ ପାଇଥିଲା ?

ଉ: ଯାତ୍ରା ଦଳରେ ଅର୍ଜୁନ ଭୂମିକାରେ ଅଭିନୟ କରୁଥିବା ମଦନା ସେଠୀକୁ ନୀଳମାଷ୍ଟ୍ରାଣୀ ଭଲ ପାଇଥିଲା।

ପ୍ର.୬। ନୀଳମାଷ୍ଟ୍ରାଣୀର ପରିଚୟ ଶେଷରେ କ'ଣ ହେଲା ?

ଉ: ନୀଳମାଷ୍ଟ୍ରାଣୀର ପରିଚୟ ଶେଷରେ ମଦନା ସେଠୀକୁ ବିବାହ କରି ନୀଳ ଧୋବଣୀରେ ପରିଣତ ହୋଇଥିଲା।

ପ୍ର.୭। ନୀଳ କାହିଁକି ପାଗଳୀ ପରି ହୋଇଛି ?

ଉ: ନୀଳର ଭାଇର ବିବାହ ହୋଇଛି। ନୀଳ ଧୋବାଘରକୁ ଚାଲିଯାଇଛି। ଜାତି ବାଛନ୍ଦ ହେବାରୁ ସେ ଆଉ ତାର ଘରକୁ ଯାଇନାହିଁ। ପତିମା ଘର ନୀଳ ଭାଇ ବାହାଘରର ଭୋଜି ଭାତ ଯାଇ ତାଙ୍କ ଘରୁ ଆଣିଛନ୍ତି। ତାହାକୁ ଦେଖି ନୀଳ ପାଗଳୀ ପରି ହୋଇଛି।

ପ୍ର.୮। ନୀଳ କାହାଠାରୁ ବଉଳପାଟ ଆଣିଛି ?

ଉ: ନୀଳ ପତିମା ଘର ବୋହୂଠାରୁ ତା' ଭାଉଜର ବଉଳପାଟ ମାଗି ଆଣିଛି।

ପ୍ର.୯। ନୀଳ ତା'ର ଭାଉଜର ବଉଳପାଟ ଆଉ କାହିଁକି ଫେରାଇଲା ନାହିଁ ?

ଉ: ନୀଳ ତା'ର ପତିମା ଘର ବେହୁଠାରୁ ତାଙ୍କ ଭାଉଜର ବଉଳପାଟ ଆଣିଛି। ତାକୁ କାଟି ସାରି ଆଉ ଫେରାଇ ନାହିଁ। କାରଣ ତା' ଭାଇ ନଆସିବା ପର୍ଯ୍ୟନ୍ତ ଫେରାଇବ ନାହିଁ ବୋଲି ନୀଳ କହିଛି।

ପ୍ର.୧୦। ନୀଳର ଭାଇ ଯେତେବେଳେ ବଉଳପାଟ ଦେଇଛି ନୀଳ କ'ଣ କରିଛି ?

ଉ: ଭାଇର ନାନୀ ଡାକରେ ଭଉଣୀ ନୀଳ ଆର୍ତ୍ତନାଦ କରିଛି। ସେ ତା'ର ଭାଇକୁ କହିଛି ମୁଁ ଆସିଲି ବୋଲି କ'ଣ ତୁ ଚାଲି ଆସିଲୁ। ଏହା କହି ଭୋ ଭୋ ହୋଇ କାନ୍ଦି ଉଠିଛି।

❑◆❑

Scanned with CamScanner